# Akashvani, Sambalpur

## SAMBALPURI NEWS EVENING BULLETIN

## 26 June 2025- 7.02 pm- 7.12 pm.

********************************************

୧- ଭକ୍ତ ଆଉ ଭଗବାନ୍‌ଙ୍କର୍ ଅଦ୍ଭୁତ ମିଲନ୍‌ର ପରବ୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ଶ୍ରୀକ୍ଷେତ୍ର ପୁରୀ ନ ସରିଛେ ପ୍ରସ୍ତୁତି ।

- ଆଏଜ୍ ମାହାପୁରୁମାନ୍‌କର୍ ନବଯୌବନ ଦର୍ଶନ୍ କଲେ ଶ୍ରଦ୍ଧାଳୁ ।

୨- ଗୋପାଲ୍‌ପୁର୍ ବନ୍ଦର୍‌ର ଉନ୍ନତିକରଣ୍ ଆଉ ଜଟାଧାର୍ ମୁହାଣ୍ ନ ଜେଟି ନିର୍ମାଣ୍ ଲାଗି ଚୁକ୍ତିନାମା ହେଲା ସ୍ୱାକ୍ଷରିତ ।

୩- ରାଜ୍ୟକେ ପୁରାପୁରି ଗଞ୍ଜେଇ ମୁକ୍ତ କର୍‌ବାର୍ ପ୍ରକ୍ରିୟା ହେଇଛେ ମୁଲ୍ - କହେଲେ ଅବକାରୀ ମନ୍ତ୍ରୀ ।

ଆଉର୍

୪- ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ସିନିଅର୍ ଜାତୀୟ ଏକ୍ୱାଟିକ୍ ଚମ୍ପିଆନ୍‌ସିପ୍ ଆଏଜ୍ ହେଉଛେ ଉଦ୍‌ଯାପିତ ।

ରଥଯାତ୍ରା      ପୁରୀ ସମ୍ବାଦଦାତା

ଆଏବା କାଏଲ୍ ଭକ୍ତ ଆଉ ଭଗବାନ୍ଙ୍କର୍ ଅପୂର୍ବ ମିଲନ୍‌ର ପରବ୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେବା । ଇଥିର୍‌ଲାଗି ଶ୍ରୀକ୍ଷେତ୍ର ପୁରୀ ନ ସବୁପ୍ରକାର୍ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ଭକ୍ତମାନ୍‌କର୍ ସମାଗମ୍‌କେ ନଜର୍‌ଥି ରଖିକରି ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ । ସେଆଡ଼େ ଅଷାଢ଼୍ ମାସର୍ ଶୁକ୍ଲପକ୍ଷ ପ୍ରତିପଦା ତିଥି ନ ଆଏଜ୍ ମାହାପୁରୁମାନେ ନବଯୌବନ ବେଶଥି ସଜେଇ ହେଇକରି ନେତ୍ରୋତ୍ସବଥି ଶ୍ରଦ୍ଧାଳୁମାନ୍‌କୁ ଦର୍ଶନ୍ ଦେଇଛନ୍ । ଇ ବାବ୍‌ଦେ ଶୁନୁନ୍ ଗୁଟେ ଖାସ୍ ରିପୋର୍ଟ...

(ଭଏସ୍ ଓଭର୍)

*ପରମ୍ପରା ଅନ୍‌ସାରେ ୧୫ ଦିନର୍ ଅଣସର ଉତ୍‌ରୁ ଶ୍ରୀଜୀଉ ଭକ୍ତମାନ୍‌କୁ ନବଯୌବନ ବେଶଥି ଦର୍ଶନ୍ ଦେଇଛନ୍ । ଶ୍ରଦ୍ଧାଳୁମାନେ ପାରମାଣିକ୍ ଦର୍ଶନ୍ ଲାଗି ଦକ୍ଷିଣ ଦ୍ୱାର ଦେଇକରି ଯାଇଥିଲେ । ପଛେ ମାହାପୁରୁମାନ୍‌କର୍ ସାହାଣମେଲା ଦର୍ଶନ୍ କର୍‌ବାର୍ ଲାଗି ଭକ୍ତମାନେ ସିଂହଦୁଆର ଦେଇକରି ମନ୍ଦିର୍ ଭିତର୍‌କେ ଯାଇଥିଲେ । ତାର୍ ଉତ୍‌ରୁ ମାହାପୁରୁମାନ୍‌କର୍ ଅଲଗା ନୀତିମାନ୍ କରାଯାଇଛେ । ବେଲ୍‌ବଡ଼ର୍ ସାଢ଼େ ୭ ବଜେ*

*ସନ୍ଧ୍ୟାଆଲ୍‌ତୀ ହେବା । କାର୍ଯ୍ୟସୂଚୀ ଅନ୍‌ସାରେ ବଡ଼ସିଂହାର ବେଶ ଆଉ ବଡ଼ସିଂହାର ଭୋଗ ଉତ୍‌ରୁ ରାତି ସାଢ଼େ ୧୧ ବଜେ ପହୁଡ଼ ଆଲ୍‌ତୀ କରାଯିବା । ରାତି ସାଢ଼େ ୧୨ ନୁ ଭୋର୍ ସାଢ଼େ ୫ ତକ୍ ମାହାପୁରୁମାନ୍‌କର୍ ସେନାପଟା ଲାଗି ନୀତି କରାଯିବାର୍ ଲାଗି ସମିଆ ଧାରିଜ୍ କରାଯାଇଛେ । ଆଏବା କାଏଲ୍ ରଥଯାତ୍ରା ଲାଗି ସବୁ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ଆଏଜ୍ ରଥଖଳା ନୁ ଶ୍ରୀମନ୍ଦିର୍ ପାଶ୍‌କେ ତିନ୍‌ହି ରଥକେ ଅନାଯାଇଛେ । ପାଗ୍ ଭଲ୍ ଥିବାର୍‌ନୁ ପୁରୀ ନ ଭକ୍ତମାନ୍‌କର୍ ଜବର୍ ଭିଡ୍ ଦେଖିବାର୍‌କେ ମିଲିଛେ । ଆଏବା କାଏଲ୍ ସଖାଲର୍ ୯ ବଜେ ତିନ୍‌ହି ରଥକେ ପ୍ରତିଷ୍ଠା କରାଯିବାର୍ ଉତ୍‌ରୁ ସାଢ଼େ ୯ ବଜେନୁ ମାହାପୁରୁମାନ୍‌କର୍ ପହଣ୍ଡି ବିଜେ ମୁଲ୍ ହେବା । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ମୁଇଁ........*

ନବଯୌବନ ଦର୍ଶନ-୧ ବୌଦ୍ଧ/ସୁବର୍ଣ୍ଣପୁର୍

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜଗନ୍ନାଥ୍ ମନ୍ଦିର୍ ନ ଅଣସର ନ ଥିବା ମାହାପୁରୁମାନେ ଭକ୍ତମାନ୍‌କୁ ନବଯୌବନ ବେଶଥି ଦର୍ଶନ୍ ଦେଉଛନ୍ । ପାତାଳି ଶ୍ରୀକ୍ଷେତ୍ରର ତ୍ରିକୂଟ ପାହାଡ଼ ଛଳିଆ ଶିଖର୍ ନ ଆଏଜ୍ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ନବଯୌବନ ବେଶ ଦର୍ଶନ୍ ଲାଗି ଶ୍ରଦ୍ଧାଳୁମାନ୍‌କର୍ ଜବର୍ ଭିଡ୍ ଦେଖିବାର୍‌କେ ମିଲିଛେ ।

ସେଆଡ଼େ ବୌଦ୍ଧ ଜିଲ୍ଲା ଜଗନ୍ନାଥ୍ ମନ୍ଦିର୍ ଠାନେ ଭିଲ୍ ମାହାପୁରୁମାନ୍‌କର୍ ନେତ୍ରୋତ୍ସବ୍ ହେଇଯାଇଛେ । ଇ ଅବ୍‌ସରେ ଶ୍ରଦ୍ଧାଲୁମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କର ନବଯୌବନ ଦର୍ଶନ୍ କରିଛନ୍ ।

ଗୋପାଲ୍‌ପୁର୍ ବନ୍ଦର୍ ଉନ୍ନତିକରଣ୍        ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ରାଏଜେ ଭିନ୍ ଭିନ୍ ଜାଗା ନ ବନ୍ଦର୍ ଜେଟି ଆଉ ଅଲ୍‌ଗା ଭିତିଭୂମି ମାନ୍ ଥାପ୍‌ନା ଲାଗି ଓଡ଼ିଶା ନ ସାମୁଦ୍ରିକ୍ ବାଣିଜ୍ୟର୍ ବିକାଶ୍ ଉପ୍‌ରେ ରାଜ୍ୟ ସର୍‌କାର୍ ଜୋର୍ ଦଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବନେଶ୍ୱର୍ ଲୋକସେବା ଭବନ୍ ନ ହେଇଥବା ଚୁକ୍ତିନାମା ସ୍ୱାକ୍ଷର୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୋପାଲ୍‌ପୁର୍ ବନ୍ଦର୍ ଉନ୍ନତିକରଣ୍ ଆଉ ଜଟାଧାର୍ ମୁହାଣ ନ କେପ୍‌ଟିଭ୍ ଜେଟି ତିଆର୍ ଲାଗି ରିହାତି ଚୁକ୍ତିନାମାକେ ସ୍ୱାକ୍ଷର୍ କରିଛନ୍ । ୫୨ ମିଲିୟନ୍ ମେଟ୍ରିକ୍‌ଟନ୍ ପଣ୍ୟ ପରିବହନ୍ କ୍ଷମତା ଥିବାର୍ ଇ ଜେଟି ଥାପ୍‌ନା ଲାଗି ପ୍ରାଥମିକ୍ ସ୍ତର୍‌ଥି ୨୧ ଶହ କୋଟି ଟଙ୍କା ନିବେଶ୍ କରାଯିବା ଆଉ ଇଥିର୍ ଜରିଏ ୩ ହଜାର୍ ୪ ଶହ ୫୦ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେଇପାର୍‌ବା । ସେନ୍ତା ୧୬ ହଜାର୍ ୫ ଶହ ୫୪ କୋଟି ଟଙ୍କାର୍ ନିବେଶ୍‌ଥି ଗୋପାଲ୍‌ପୁର୍ ବନ୍ଦର୍‌ର ସମ୍ପ୍ରସାରଣ୍

ଆଉ ଉନ୍ନତିକରଣ୍ କାମ୍ ଲାଗି ଗୋପାଲ୍‌ପୁର୍ ପୋର୍ଟ ଲିମିଟେଡ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିତ୍‌ରେ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ୍ ହେଇଛେ ।

ମେଡ଼ିକାଲ୍ କଲେଜ୍ ସର୍ଭେ- ଏମ୍ସ    ଭୁବନେଶ୍ୱର୍ ସମ୍ବାଦଦାତା

ଭୁବନେଶ୍ୱର୍ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ- ଏମ୍ସ, ପ୍ରତିଷ୍ଠିତ ଇଣ୍ଡିଆ ଟୁଡ଼େ ମେଡ଼ିକାଲ୍ କଲେଜ୍ ସର୍ଭେ -୨୦୨୫ ଥି ସାରା ଦେଶେ ୧୨ ନମ୍ବର୍ ଶ୍ରେଷ୍ଠ ମେଡ଼ିକାଲ୍ କଲେଜ୍ ଭାବେ ଠାନ୍ ପାଇଛେ ।  ଇତାର୍‌ସହେତେ ଇ ପ୍ରତିଷ୍ଠାନ୍ ଦେଶର୍ ଶ୍ରେଷ୍ଠ ୧୦ ଟା ଉଦୀୟମାନ୍ ମେଡ଼ିକାଲ୍ କଲେଜ୍ ବର୍ଗଥି ୨ ନମ୍ବର୍ ଠାନ୍ ହାସଲ୍ କରିଛେ । ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଆଉ ମେଡ଼ିକାଲ୍ ଶିକ୍ଷା କ୍ଷେତ୍ରଥି ଜୋର୍‌ସେ ବଢୁଥିବା ପ୍ରତିଷ୍ଠାର୍ ପ୍ରମାଣ୍ ଦେଇଛେ । ଭୁବ୍‌ନେଶ୍ୱର୍ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ୍ ଇ ବାବ୍‌ଦେ ସୂଚ୍‌ନା ଦେଇଛନ୍ ।

ପାଏନ୍ ନିଷ୍କାସନ୍          ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ବର୍ଷା ଥିତିକେ ନଜର୍‌ଥି ରଖିକରି ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ସବୁ ସହରାଂଚଲ୍ ସ୍ଥାନୀୟ

ସଂସ୍ଥାମାନ୍‌କୁ- ୟୁଏଲ୍‌ବିକେ  ଜରୁରୀ ପଦକ୍ଷେପ୍ ନେବାର୍ ଲାଗି ପରାମର୍ଶ ଦିଆୟାଇଛେ । ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ଥାନୀୟ ସଂସ୍ଥାମାନ୍‌କୁ ତଲ୍ ଇଲାକାମାନ୍‌କୁ ପାଏନ୍ ବାହାର୍ କର୍‌ବାର୍ ଲାଗି ଆଗ୍‌ତୁରା ପଦକ୍ଷେପ୍ ନେବାର୍‌କେ କହିଛନ୍ । ଇଥିର୍‌ଲାଗି ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ବ୍ୟବସ୍ଥା ଉପ୍‌ରେ ସେ ଜୋର୍ ଦେଇଛନ୍ । ଜରୁରୀକାଲୀନ୍ ପରିସ୍ଥିତିର୍ ମୁକାବିଲା ଲାଗି ତୁର୍‌ତି ପ୍ରତିକ୍ରିୟା ଦଲ୍ ଗଠନ୍ କର୍‌ବାର୍ ଉପ୍‌ରେ ଶ୍ରୀମତୀ ପାଢ଼ୀ ଜୋର୍ ଦେଇଛନ୍ ।

ଗୋପବନ୍ଧୁ ଶ୍ରାଦ୍ଧବାର୍ଷିକୀ        ଭୁବନେଶ୍ୱର୍ ସମ୍ବାଦଦାତା

ଉତ୍କଳମଣି ପଣ୍ଡିତ୍ ଗୋପବନ୍ଧୁ ଦାସଙ୍କର୍ ୯୭ ତମ ଶ୍ରାଦ୍ଧବାର୍ଷିକୀ ଅବ୍‌ସରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସେବା, ସଂଗ୍ରାମ୍, ସଂସ୍କାର୍ ଆଉ ତ୍ୟାଗର୍ ପ୍ରତୀକ ପଣ୍ଡିତ୍ ଗୋପବନ୍ଧୁ ୧୮୭୭ ମସିହା ଅକ୍ଟୋବର୍ ୯ ତାରିଖ୍ ଦିନ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ପାଖର୍ ସୁଆଣ୍ଡୋ ଗାଁ ନ ଜନମ୍ ହେଇଥିଲେ । ଗୋପବନ୍ଧୁ ୧୯୧୭ ମସିହାନୁ ୧୯୨୧ ମସିହାତକ୍ ବିହାର୍, ଓଡ଼ିଶା, ବିଧାନ୍‌ସଭାର୍ ସଦସ୍ୟ ଆଉ ୧୯୨୧ ମସିହା ନ ଓଡ଼ିଶା ପ୍ରଦେଶ୍ କଂଗ୍ରେସ୍ କମିଟିର୍ ପହେଲା ଅଧ୍ୟକ୍ଷ ହେଇଥିଲେ । ୧୯୦୯ ମସିହାଥି ପୁରୀର ସତ୍ୟବାଦୀ ଠାନେ ବନ ବିଦ୍ୟାଲୟ

ଥାପ୍‌ନା କରିଥିଲେ । ଝନେ ଛାତ୍ରବତ୍ସଳ ଶିକ୍ଷକ୍, ସମାଜ୍ ସଂସ୍କାରକ, ଦାର୍ଶନିକ, ଲେଖକ ଆଉ ରାଜନେତା ଭାବେ ପରିଚିତ ଉତ୍କଳ ମଣି ଗୋପବନ୍ଧୁଙ୍କର୍ ୧୯୨୮ ମସିହା ଆଝିର୍ ଦିନେ ପରଲୋକ ହେଇଥିଲା । ପଣ୍ଡିତ୍ ଗୋପବନ୍ଧୁଙ୍କର୍ ଶ୍ରାଦ୍ଧବାର୍ଷିକୀ ଅବ୍‌ସରେ ବିଧାନ୍‌ସଭା ପରିସର୍ ନ ବାଚସ୍ପତି ସୁରମା ପାଢ଼ୀ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ପ୍ରତିମୂର୍ତିଥି ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ଗଞ୍ଜେଇ ଚାଷ୍ ନଷ୍ଟ          ହି.ସ.

ରାଏଜେ ଗଞ୍ଜେଇ ଚାଷ୍ ଉପ୍‌ରେ ସର୍‌କାର୍ କଡ଼ା ନଜର୍ ରଖିଛନ୍ ବଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଇ ବଛର୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବେଆଇନ୍ ଭାବେ ଚାଷ୍ କରାଯାଇଥିବା ଗଞ୍ଜେଇ ଗଛ୍ ମାନ୍‌କୁ ନଷ୍ଟ କରାଯାଇଛେ । ସାଧାରଣ୍ ଲୁକ୍‌କୁ ଗଞ୍ଜେଇ ଚାଷ୍ ନାଇଁ କର୍‌ବାର୍ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଭିନ୍ ଭିନ୍ ସଚେତନ୍ କାର୍ଯ୍ୟକ୍ରମ୍ ମାନ୍ ହାତ୍‌କେ ନିଆଯାଇଛେ ଆଉ ରାଜ୍ୟକେ ପୁରାପୁରି ଗଞ୍ଜେଇମୁକ୍ତ କର୍‌ବାର୍ ପ୍ରକ୍ରିୟା ମୁଲ୍ ହେଇଛେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । ସେଆଡ଼େ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ସଚେତନତା ପଦଯାତ୍ରା ବାହାରିକରି ସହର୍ ପରିକ୍ରମା

କରିଥିଲା । ଇଥି ଯୋଗ୍ ଦେଇକରି ଆଏବା ମାସେତକ୍ ଏନ୍ତା ସଚେତନତା କାର୍ଯ୍ୟକ୍ରମ୍ ସାରା ରାଏଜେ ଜାରି ରହେବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

(ଭଏସ୍ ଓଭର୍- ପୃଥ୍ୱୀରାଜ୍ ହରିଚନ୍ଦନ୍)

ବିଭାଗ୍ ତରଫୁ ରାଏଜେ ଭିନ୍ ଭିନ୍ ଜାଗା ନ ନିଶାମୁକ୍ତ ଅଭିଯାନ୍ ମୁଲ୍ ହେଇଛେ । 'ନିଶା ନୁହେଁ ଜୀବନ୍' ସଂକଳ୍ପ ନେଇକରି ଇ ପଦଯାତ୍ରାଥି ବହୁତ୍ ସଂଖ୍ୟାଥି ଯୁଆନ୍ ପିଢ଼ି ସାମିଲ୍ ହେଇଛନ୍ ।

ଅନ୍ତର୍ଜାତୀୟ ବେଆଇନ୍ ନିଶା ଦ୍ରବ୍ୟ ବିରୋଧୀ ଦିବସ

ସମ୍ବଲପୁର୍/ ଦେବ୍‌ଗଡ଼୍/ ବୌଦ୍ଧ/ ସୁବର୍ଣ୍ଣପୁର୍

ନିଶା ନିବାରଣ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଉଦ୍ଦେଶ୍ୟଥି ଆଏଜ୍ ଅନ୍ତର୍ଜାତୀୟ ବେଆଇନ୍ ନିଶା ଦ୍ରବ୍ୟ ବିରୋଧୀ ଦିବସ୍ ପାଲନ୍ କରାଯାଉଛେ । ମିଲିତ୍ ଜାତିସଂଘ ତରଫୁ ୧୯୮୭ ମସିହାନୁ ମାଦକ ଦ୍ରବ୍ୟ ସେବନ୍ ଆଉ ଚୋରାଚାଲାଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ ।

ବିଶ୍ୱ ଡ୍ରଗ୍ସ ରିପୋର୍ଟ ଅନ୍‌ସାରେ ପୁର୍‌ଥି ନ ବଛର୍‌କ ୩ କୋଟି ୫୦ ଲାଖ୍ ଲୋକ୍ ଇତାର୍ ଶିକାର୍ ହେଉଛନ୍ । ୨୦୧୭ ମସିହାର୍ ତଥ୍ୟ ଅନ୍‌ସାରେ ୧୧ ମିଲିୟନ୍ ଲୋକ୍ ନିଶା ଇଞ୍ଜେକ୍‌ସନ୍

ବେଭାର୍ କରିଥିଲେ । ନିଶା ନିବାରଣ୍ ଲାଗି ରାଜ୍ୟ ସର୍କାର୍ ଦିଶା ଯୋଜ୍ନା ଜରିଏ ୧୧ ଟା ନିଶାମୁକ୍ତି କେନ୍ଦ୍ର ଥାପ୍ନା କରିଛନ୍ । ଇତାର୍ସହେତେ ନିଶା କରୁଥିବା ଲୋକ୍ମାନ୍କୁ ନିଶା ନିବାରଣ୍, ସେମାନ୍କର୍ ପୁନର୍ବାସ୍, ବିକାଶ୍ ଆଉ ସୁରକ୍ଷା ଦିଗେ ଭିନ୍ ଭିନ୍ ପଦକ୍ଷେପ୍ ଭିଲ୍ ନଉଛନ୍ ।

ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କହିଛନ୍ ଯେ, ନିଶା କରୁଥିବା ଲୋକ୍ମାନ୍କର୍ ଭିନ୍ ଭିନ୍ ସମସ୍ୟା ବାବ୍ଦେ ସଚେତନ୍ ହେବାର୍ ସହେତେ ସମାଜ୍ନୁ ସେମାନ୍କୁ ଦୂରେଇ ନାଇଁଦେଇକରି ସେମାନ୍କର୍ ପୁନର୍ବାସ ଆଉ ନିଶା ନିବାରଣ୍ କାମ୍ଥି ସାହାଜ୍ କର୍ମା ।

ଭୁବ୍ନେଶ୍ୱର୍ ନ ଇ ଅବ୍ସରେ ରାଜ୍ୟସ୍ତରୀୟ କର୍ମଶାଳାଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍, ପୁର୍ଥି ନ ନିଶା ବେଭାର୍ ଗୁଟେ ସମସ୍ୟା ହିସାବେ ଉଭା ହେଇକରି ପାରିବାରିକ୍ ଆଉ ସାମାଜିକ୍ ଜୀବନ୍ଥି ନୁକ୍ସାନ୍ କରୁଛେ । ନିଶା ଜିନିଷ୍ର ବେଆଇନ୍ କାର୍ବାର୍ ଆର୍ ଘଟୁଥିବା ଅପରାଧ୍ ଲାଗି ସମାଜ୍ଥି ବହୁତ୍ଟେ ସମସ୍ୟା ସୃଷ୍ଟି କରୁଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ଇ ଦିବସ୍ ଅବ୍ସରେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଅବକାରୀ ବିଭାଗ୍ ଆର୍ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଜିଲ୍ଲାର୍ କଚ୍‌ରୀ ଛକ୍ ଠାନୁ ତପସ୍ୱିନୀ ପେକ୍ଷାଳୟ ତକ୍ ଗୁଟେ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲାନ ଆଏଜ୍ ଇ ଦିବସ୍ ପାଲନ୍ ଅବ୍‌ସରେ ଭାରପ୍ରାପ୍ତ ଜିଲ୍ଲାପାଳ୍ ରାଜେନ୍ଦ୍ର ମାଝୀ ଆଉ ଅତିରିକ୍ତ ଜିଲ୍ଲାପାଳ୍ ଏଞ୍ଜେଲିନା ପ୍ରଧାନ୍ ଗୁଟେ ସଚେତନତା ଶୋଭାଯାତ୍ରାକେ ଉଦ୍‌ଘାଟନ୍ କରିଛନ୍ ।

ବୌଦ୍ଧ ଜିଲ୍ଲା ଟାଉନ୍ ହଲ୍ ଠାନେ ଅନ୍ତର୍ଜାତୀୟ ବେଆଇନ୍ ନିଶା ଦ୍ରବ୍ୟ କାର୍‌ବାର୍ ବିରୋଧୀ ଦିବସ୍ ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲା ନ ଭିଲ୍ ଇ ଦିବସ୍ ଅବ୍‌ସରେ ଗୁଟେ ସଚେତନତା ଶୋଭାଯାତ୍ରା ପୁର୍‌ନା ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟନୁ ମୁଲ୍ ହେଇଥିଲା ।

ନିଶା ନିବାରଣ୍ ଦିବସ          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ପ୍ରଶାସନ୍ ଆଉ ଅବକାରୀ ବିଭାଗ୍ ତର୍‌ଫୁ ଜିଲ୍ଲାର୍ ସବୁ ବ୍ଲକ୍ ନ ନିଶା ନିବାରଣ୍ ସଚେତନତା ରଥ ପରିକ୍ରମା କରିଥିଲା ।

ଜାତୀୟ ଏକ୍ୱାଟିକ୍ ଚାମ୍ପିଅନ୍‌ସିପ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଏକ୍ୱାଟିକ୍ ସେଂଟର୍ ନ ଚାଲିଥିବା ୭୮ ନମ୍ବର୍ ସିନିୟର୍ ଜାତୀୟ ଏକ୍ୱାଟିକ୍ ଚାମ୍ପିଅନ୍‌ସିପ୍‌ର ଉଦ୍‌ଯାପନୀ ସମାରୋହ ଆଏଜ୍ ହେଉଛେ । ପ୍ରତିଯୋଗିତାଥି ୪ ଶହ ନୁ ଅଏତ୍‌କା ପ୍ରତିଯୋଗୀ ଭାଗ୍ ନେଇଛନ୍ । ସେଥିର୍‌ଭିତ୍‌ରୁ ଓଡ଼ିଶାର୍ ୧୪ ଝନ୍ ପ୍ରତିଯୋଗୀ ରହିଛନ୍ । ଇ ପ୍ରତିଯୋଗିତା ଇ ମାସର୍ ୨୨ ତାରିଖ୍‌ନୁ ମୁଲ୍ ହେଇଥିଲା ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍, ବଲାଙ୍ଗିର୍, ବୌଦ୍ଧ, ସୁନ୍ଦର୍‌ଗଡ୍, କେନ୍ଦୁଝର୍ ଆଉ ମୟୁର୍‌ଭଞ୍ଜ୍ ଜିଲ୍ଲା ନ ବିଜ୍‌ଲି ଘଡ୍‌ଘଡ଼ି ସହେତେ ଅପର୍‌ବଲ୍ ବର୍ଷା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।